**ତାଲୁକ୍ ଜମି ବୋର୍ଡ଼ ଏବଂ ଅନ୍ୟମାନେ**

**ବନାମ**

**ସିରିଆକ୍ ଥୋମାସ୍ ଏବଂ ଅନ୍ୟମାନେ**

**ସେପ୍ଟେମ୍ବର 10, 2002**

**[ସୟଦ୍ ଶାହ ମହମ୍ମଦ କାଦ୍ରୀ ଏବଂ ଏସ୍. ଏନ୍. ଭରିଅଭା ନ୍ୟାୟମୂର୍ତ୍ତିଦ୍ୱୟ]**

*କେରଳ ଭୂମି ସଂସ୍କାର ଅଧିନିୟମ, 1964:*

*ଜମି ସୀମା - ପୂର୍ବତନ ଟ୍ରାଭାଙ୍କୋର କୋଚିନ ରାଜ୍ୟରେ ଜଣେ ଖ୍ରୀଷ୍ଟିୟାନ ବ୍ୟକ୍ତି 1958 ମସିହାରେ ପୁଅ ଏବଂ ଝିଅମାନଙ୍କୁ ଛାଡ଼ି ମୃତ୍ୟୁବରଣ କରିଥିଲେ - ତାଙ୍କ ଝିଅମାନଙ୍କ ଦ୍ୱାରା ବିକ୍ରି ହୋଇଥିବା ଜମିକୁ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷଣାକାରୀ ପୁଅଙ୍କ ଦଖଲ ସ୍ୱତ୍ୱରେ  ଅନ୍ତର୍ଭୁକ୍ତ କରାଗଲା ଏବଂ କିଛି ଜମିକୁ ବଳକା ବୋଲି ଘୋଷଣା କରାଗଲା - ଏହା ବିଚାର କରାଯାଇଥିଲା ଯେ, ଭାରତୀୟ ଉତ୍ତରାଧିକାର ଅଧିନିୟମ ଟ୍ରାଭାଙ୍କୋର କୋଚିନ ରାଜ୍ୟ ଉପରେ ଲାଗୁ କରାଯାଇଥିବାରୁ, ସେହି ଅଧୀନରେ ମୃତକଙ୍କ ସମସ୍ତ ସନ୍ତାନ ଜମିକୁ ଦାୟାଦଗତ ସୂତ୍ରରେ ପାଇଥିଲେ - ସେହି ଅନୁଯାୟୀ, ଝିଅମାନଙ୍କ ଦ୍ୱାରା ନିଷ୍ପାଦିତ ଜମିର ବିକ୍ରୟ ଦଲିଲ ବୈଧ ଥିଲା – ସେଥିପାଇଁ, ବିକ୍ରି କରାଯାଇଥିବା ଜମିକୁ ଘୋଷଣାକାରୀ ପୁଅଙ୍କ ଦଖଲ ସ୍ୱତ୍ୱରେ ଯୋଡ଼ାଯାଇପାରିବ ନାହିଁ - ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925 - ଉତ୍ତରାଧିକାର - ଭାଗ-B ରାଜ୍ୟ (ଆଇନ) ଅଧିନିୟମ, 1951 ।*

*ମ୍ୟାରି ରୟ୍ ଏବଂ ଅନ୍ୟମାନେ ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ,* **[1986] 2 SCC 209 ମାମଲା ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 333-334/1998 ।

ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 1669/1993 ଏବଂ 2453/1993 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ 18.11.1996 ତାରିଖର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଶ୍ରୀଯୁକ୍ତ କେ. ଆର. ଶଶିପ୍ରଭୁଙ୍କ ପାଇଁ ଜନ୍ ମାଥ୍ୟୁ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 1669/1993 ଏବଂ 2453/1993 ରେ ଏର୍ଣ୍ଣାକୁଲମସ୍ଥିତ କେରଳ ଉଚ୍ଚ ନ୍ୟାୟାଳୟଙ୍କ ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ନଭେମ୍ବର 18, 1996 ରେ ଦିଆଯାଇଥିବା ସାଧାରଣ ଆଦେଶ ବିରୁଦ୍ଧରେ ତାଲୁକ୍ ଜମି ବୋର୍ଡ଼, ଯାହାକି କେରଳ ଜମି ସଂସ୍କାର ଅଧିନିୟମ 9 (ସଂକ୍ଷେପରେ, 'ଅଧିନିୟମ') ଅଧୀନରେ ଗଠିତ, ଆବେଦନ କରିଛି । ଆକ୍ଷେପିତ ଆଦେଶ ଦ୍ୱାରା, ଘୋଷଣାକାରୀ-ସିରିଆକ୍ ଥୋମାସ୍ (ପ୍ରଥମ ଉତ୍ତରଦାତା) ଙ୍କ ଭଉଣୀମାନଙ୍କ ଦ୍ୱାରା ନିଷ୍ପାଦିତ ବିକ୍ରୟ ଦଲିଲକୁ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରିଥିଲେ ଯାହାର ଫଳସ୍ୱରୂପ ତାଙ୍କ ଦ୍ୱାରା ସମର୍ପଣ କରିବାକୁ କୌଣସି ଅତିରିକ୍ତ ଜମି ନଥିଲା ।

ବିଚାର ପାଇଁ ଆସିଥିବା ବିଷୟ ହେଉଛି ଯେ ଘୋଷଣାକାରୀଙ୍କ ଭଉଣୀମାନଙ୍କର ଜମିର ମାଲିକାନା ଥିଲା କି ନାହିଁ କିମ୍ବା ଏହା ପ୍ରକୃତରେ ଘୋଷଣାକାରୀଙ୍କର ଥିଲା ଏବଂ ସେଥିପାଇଁ, ବିକ୍ରୟକୁ ଅଣଦେଖା କରାଯିବା ଉଚିତ ଏବଂ ଜମି ତାଙ୍କ ଦଖଲ ସ୍ୱତ୍ୱରେ ଯୋଡ଼ାଯିବା ଉଚିତ ।

ଜଣେ ଶ୍ରୀଯୁକ୍ତ ଇଲାଞ୍ଜିକ୍କଲ ସିରିଆକ୍ 1958 ମସିହାରେ ପୂର୍ବରୁ ମୃତ୍ୟୁବରଣ କରିଥିଲେ । ଘୋଷଣାକାରୀଙ୍କ ସମେତ ତାଙ୍କର ତିନି ପୁଅ ଏବଂ ଚାରି ଝିଅ ଥିଲେ । ସେ କିଛି କୃଷି ଜମି ଛାଡ଼ି ଯାଇଥିଲେ । ବହୁ ପୂର୍ବରୁ 1978 ମସିହାରେ, ଆବେଦନକାରୀ ଧାରଣ କରିଥିଲେ ଯେ ଘୋଷଣାକାରୀଙ୍କ ପାଖରେ ସମର୍ପଣ କରିବା କରିବା ପାଇଁ କୌଣସି ଅତିରିକ୍ତ ଜମି ନଥିଲା । ତେବେ, 1980 ମସିହାରେ, ଏହି ମାମଲା ପୁନର୍ବାର ଖୋଲାଯାଇଥିଲା ଏବଂ ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ବିଚାରକୁ ନେବା ପରେ, ଆବେଦନକାରୀ ଧାରଣ କରିଥିଲେ ଯେ ପ୍ରଥମ ଉତ୍ତରଦାତାଙ୍କ ପାଖରେ ଜାନୁଆରୀ 1, 1970 ସୁଦ୍ଧା ସର୍ବୋଚ୍ଚ ସୀମାଠାରୁ 9.87 ଏକର ଅଧିକ ଜମି ଥିଲା । ଡିସେମ୍ବର 5, 1985 ରେ, ଉକ୍ତ ଆଦେଶ ବିରୁଦ୍ଧରେ ଦାୟର ହୋଇଥିବା ଦେୱାନୀ ପୁନରୀକ୍ଷଣ ଆବେଦନରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଆବେଦନକାରୀଙ୍କ ନିକଟକୁ ପଠାଇଥିଲେ । ପୁନଃପ୍ରେରଣ ପରେ, ତାଙ୍କ ଦ୍ୱାରା ସମର୍ପଣ କରାଯିବାକୁ ଥିବା ଅତିରିକ୍ତ ଜମି (7.26.040 ଏକର) ର ପରିମାଣ ନିର୍ଦ୍ଧାରଣ କରି ଆବେଦନକାରୀ 1993 ମସିହା ଅଗଷ୍ଟ 12 ତାରିଖରେ ଆଦେଶ ଦେଇଥିଲେ । ଆବେଦନକାରୀଙ୍କ ସେହି ଆଦେଶ ବିରୁଦ୍ଧରେ ଦୁଇଟି ଦେୱାନୀ ପୁନରୀକ୍ଷଣ ଆବେଦନ ଦାୟର କରାଯାଇଥିଲା - ଗୋଟିଏ ଘୋଷଣାକାରୀଙ୍କ ଦ୍ୱାରା ଏବଂ ଅନ୍ୟଟି ତାଙ୍କ ତିନି ଭଉଣୀଙ୍କ ଦ୍ୱାରା । ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଉଲ୍ଲିଖିତ ଆକ୍ଷେପିତ ରାୟ ଦ୍ୱାରା ସେଗୁଡ଼ିକର ଫଏସଲା କରିଥିଲେ । ଏହିପରି ଭାବେ ବର୍ତ୍ତମାନର ଆବେଦନଗୁଡ଼ିକ ଆମ୍ଭ ସମ୍ମୁଖକୁ ଆସିଅଛି ।

ତାଲୁକ୍ ଜମି ବୋର୍ଡ଼ ଏବଂ ଅନ୍ୟମାନେ ବନାମ ସିରିଆକ୍ ଥୋମାସ୍ ଏବଂ ଅନ୍ୟମାନେ

ପ୍ରାସଙ୍ଗିକ ପ୍ରଶ୍ନ ହେଉଛି ଯେ ମୃତ ଏଲାଞ୍ଜିକ୍କଲ ସିରିଆକଙ୍କ ଦ୍ୱାରା ଛାଡ଼ି ଯାଇଥିବା ଜମିରେ ଏକ ଭାଗ ପାଇବାକୁ ଘୋଷଣାକାରୀ, ତାଙ୍କର ଦୁଇ ଭାଇ ଏବଂ ଚାରି ଭଉଣୀ ହକଦାର କି ନୁହେଁ। ଏହି ପ୍ରଶ୍ନର ଉତ୍ତର ଏହି ମାମଲାର ଫଳାଫଳ ନିର୍ଦ୍ଧାରଣ କରିଥାଏ। ଯଦି ସେମାନେ ସମସ୍ତେ ଜମି ଉତ୍ତରାଧିକାର ସୂତ୍ରରେ ପାଇଥିଲେ, ତେବେ ଆବେଦନଗୁଡ଼ିକ ବିଫଳ ହେବା ନିଶ୍ଚିତ କିନ୍ତୁ ଯଦି ଏହା ଜଣାପଡ଼େ ଯେ ଭଉଣୀମାନେ ଉତ୍ତରାଧିକାର ସୂତ୍ରରେ ପାଇନଥିଲେ, ତେବେ ସେମାନଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଅବୈଧ ହେବ ଏବଂ ଆବେଦନକାରୀ ସଫଳ ହେବେ, ଆବେଦନକାରୀଙ୍କ ଦ୍ୱାରା ବିଚାର କରାଯାଇଥିବା ପରି ଘୋଷଣାକାରୀ ଅତିରିକ୍ତ ଜମି ସମର୍ପଣ କରିବାକୁ ଦାୟୀ ହେବେ। ପୂର୍ବତନ ଟ୍ରାଭାଙ୍କୋର କୋଚିନ ରାଜ୍ୟରେ, ଯାହା ଏକ ଭାଗ-B ରାଜ୍ୟ ଥିଲା, ଜଣେ ବ୍ୟକ୍ତିଙ୍କ ସମ୍ପତ୍ତିରେ ଉତ୍ତରାଧିକାର ଟ୍ରାଭାଙ୍କୋର ଖ୍ରୀଷ୍ଟିଆନ ଉତ୍ତରାଧିକାର ଅଧିନିୟମ, 1092 ଦ୍ୱାରା ପରିଚାଳିତ ହେଉଥିଲା । ଭାଗ-B ରାଜ୍ୟ (ଆଇନ) ଅଧିନିୟମ, 1951 ଦ୍ୱାରା ଭାରତୀୟ ଉତ୍ତରାଧିକାର ଅଧିନିୟମକୁ ଟ୍ରାଭାଙ୍କୋର କୋଚିନ ରାଜ୍ୟରେ ଲାଗୁ କରାଯାଇଥିଲା । ଫଳସ୍ୱରୂପ ମୃତ ସିରିଆକଙ୍କ ସମସ୍ତ ସନ୍ତାନ ଭାରତୀୟ ଉତ୍ତରାଧିକାର ଅଧିନିୟମ ଅନୁଯାୟୀ ଜମି ଦାୟାଦଗତ ସୂତ୍ରରେ ପାଇଥିଲେ । ଏହା ବିବାଦୀୟ ନୁହେଁ ଯେ ଯଦି ଭାରତୀୟ ଉତ୍ତରାଧିକାର ଅଧିନିୟମ ଲାଗୁ ହୁଏ, ତେବେ ସମସ୍ତ ଭଉଣୀ ମୃତ ଏଲାଞ୍ଜିକ୍କଲ ସିରିଆକଙ୍କ ଦ୍ୱାରା ଛାଡ଼ି ଯାଇଥିବା ସମ୍ପତ୍ତିରେ ଭାଇମାନଙ୍କ ସହିତ ସମାନ ଭାଗ ପାଇବାକୁ ହକଦାର ହେବେ । *ମ୍ୟାରି ରୟ୍ ଏବଂ ଅନ୍ୟମାନେ ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ*, [1986] 2 SCC 209 ମାମଲାରେ ଏହି ନ୍ୟାୟାଳୟଙ୍କ ରାୟ ଦ୍ୱାରା ଏହି ସ୍ଥିତିକୁ ସ୍ୱୀକୃତି ମିଳିଥିଲା । ଏହି ନ୍ୟାୟାଳୟ କହିଥିଲେ ଯେ ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925 କୁ ଟ୍ରାଭାଙ୍କୋର କୋଚିନ୍ ଭାଗ-B ରାଜ୍ୟରେ ଲାଗୁ କରିବା ପରେ, ଭାରତୀୟ ଉତ୍ତରାଧିକାର ଅଧିନିୟମ ପରବର୍ତ୍ତୀ ସମୟରେ ହେଉଥିବା ଉତ୍ତରାଧିକାର ଉପରେ ଲାଗୁ ହୋଇଥିଲା । ଏହା ପରେ ଆହୁରି କୁହାଯାଇଛି ଯେ ସମସ୍ତ ଭଉଣୀମାନଙ୍କର ଜମିରେ ଭାଗ ଥିଲା ଏବଂ ସେଥିପାଇଁ, ପ୍ରଶ୍ନରେ ଥିବା ବିକ୍ରି ହୋଇଥିବା ଜମିକୁ ଘୋଷଣାକାରୀଙ୍କ ଦଖଲ ସୂତ୍ରରେ ଯୋଡ଼ାଯାଇପାରିବ ନାହିଁ କାରଣ ସେମାନଙ୍କ ଦ୍ୱାରା ନିଷ୍ପାଦିତ ଦଲିଲ ବୈଧ ହେବ।

ମାମଲାର ଏହି ଦୃଷ୍ଟିକୋଣରୁ, ଆପତ୍ତି କରାଯାଇଥିବା ଆଦେଶରେ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ। ଆବେଦନଗୁଡ଼ିକ ବିଫଳ ହୋଇଛି ଏବଂ ସେଗୁଡ଼ିକୁ ଖାରଜ କରିଦିଆଯାଇଛି, କିନ୍ତୁ ମାମଲାର ପରିସ୍ଥିତିରେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଯାଇନାହିଁ।

ଆର୍. ପି. ଆବେଦନଗୁଡିକୁ ଖାରଜ କରାଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।